**ସଂକ୍ଷେପରେ**

## ତିତ୍‌ଲି ନେଇଛି ୪୨ ଜୀବନ

**ରାୟଗଡ (ଗଜପତି), ୧୬।୧୦ (ଡି.ଏନ୍.ଏ.):** ତିତ୍‌ଲି ଦ୍ୱାରା ଗଜପତି ଜିଲାର ରାୟଗଡ ବ୍ଲକ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ବେସରକାରୀ ସୂଚନା ଅନୁଯାୟୀ ଏହି ବ୍ଲକରେ ଏପର୍ଯ୍ୟନ୍ତ ମୋଟ ୪୨ଜଣଙ୍କ ଜୀବନ ଯାଇଛି। ଗଙ୍ଗାବାଡ ପଞ୍ଚାୟତର ବାରଘର ଗ୍ରାମରେ ସର୍ବାଧିକ ୧୮ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି କଇଁପୁର ପଞ୍ଚାୟତରେ ୧୫ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ମାଡା ଗ୍ରାମରେ ୭, ମାଡବା ଗ୍ରାମରେ ୨, ସୁଆବା ଗ୍ରାମରେ ୨, ଲାଙ୍ଗା ସାହି ଗ୍ରାମରେ ୧, ଅଣ୍ଡରଘାଇ ଗ୍ରାମରେ ୧ ଏବଂ ଓଡାଲିଙ୍ଗ ଗ୍ରାମରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମୀପୁର ପଞ୍ଚାୟତରେ ୨, ଜିରାଙ୍ଗ ପଞ୍ଚାୟତରେ ୧, ଏଙ୍ଗାରସିଂ ପଞ୍ଚାୟତରେ ୧, ଲୋବା ପଞ୍ଚାୟତରେ ୧, ପୋତ୍ତାର ପଞ୍ଚାୟତରେ ୧, ଲାଇଲାଇ ପଞ୍ଚାୟତରେ ୧ ଏବଂ ଗଣ୍ଡାହାତୀ ପଞ୍ଚାୟତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ଓ ତଦନ୍ତ କାର୍ଯ୍ୟ ଜାରି ରହିଥିବାରୁ ୪୨ ମୃତ୍ୟୁକୁ ଗ୍ରହଣ କରାଯାଇନାହିଁ।

## ଦୁର୍ଘଟଣାର ମାସକ ପରେ ଆଖି ବୁଜିଲେ ଚିକିତ୍ସାଧୀନ ଯୁବକ

**ପଟ୍ଟାଙ୍ଗି, ୧୬।୧୦(ଡି.ଏନ୍.ଏ.):** ପଟ୍ଟାଙ୍ଗି ଥାନା ମାଲିପୁଟ ଛକ ତଥା ୨୬ ନଂ ଜାତୀୟ ରାଜପଥ ଉପରେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ଓ ସେଠାରୁ ଜିଲା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଦୀର୍ଘ ଏକ ମାସ ଧରି ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁରେ ପରିବାର ବର୍ଗଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଯୁବକଙ୍କ ଦାଦା କୃଷ୍ଣ ଚପାଡି ଗଣମାଧ୍ୟମ ନ ଆସିବା ଯାଏଁ ମୃତଦେହ ଉଠିବାକୁ ଦେବୁନାହିଁ ବୋଲି ଅଡ଼ି ବସିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ପରିବାର ବର୍ଗଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ଫଳ ମିଳିନଥିଲା। ସୋମବାର ଯୁବକଙ୍କ ମୃତ ବ୍ୟବଚ୍ଛେଦ ହେବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତଦେହ ମାଲିପୁଟ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମନୋଜ ଚପାଡି ସେପ୍ଟେମ୍ବର ୯ରେ ଜାତୀୟ ରାଜପଥ ଅତିକ୍ରମ କରି ଘରକୁ ଆସୁଥିବା ବେଳେ ତାଙ୍କୁ ଗାଡ଼ି ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରିବାର ବର୍ଗ ସ୍ଥାନୀୟ ଥାନାରେ ଏନେଇ ଲିଖିତ ଏତଲା କରିଥିଲେ ମଧ୍ୟ ପୋଲିସ ଏହାକୁ ଗୁରୁତ୍ୱ ନଦେଇ କେସ୍ ନଂ ୧୦୪/୧୮ରେ ମାମଲା ରୁଜୁକରି ନାମକୁ ମାତ୍ର ତଦନ୍ତ ଜାରି ରଖିଥିଲା।

## ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିମେଳା, ୧୬।୧୦(ଡି.ଏନ୍.ଏ.):** ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ-୨ ପରଜାଗୁଡା ଗ୍ରାମର ଧାନବିଲରୁ ଜଣେ ଯୁବକଙ୍କ ମୃତଦେହ ଓର୍କେଲ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ମୃତକ ଜଣକ ହେଲେ କୃଷ୍ଣ କିର୍ସାନୀ (୩୦)। ପରଜାଗୁଡା ଗ୍ରାମର ବୁଡୁ କିର୍ସାନୀଙ୍କ ପୁଅ କୃଷ୍ଣଙ୍କ ମୃତଦେହ ଘର ପାଖରେ ଥିବା ଏକ ଧାନବିଲରେ ମଙ୍ଗଳବାର ସକାଳେ ପଡିଥିବାର ଦେଖିବାକୁ ମିଳିଥିଲା। ଖବର ପାଇଁ ଓର୍କେଲ ଥାନା ଅଧିକାରୀ ଜଗଦିଶ ବାରା, ଚିତ୍ରକୋଣ୍ଡା ଏସଡିପିଓ ମାନସ ରଞ୍ଜନ ବାରିକ ଓ ସବଇନ୍ସପେକ୍ଟର ସରୋଜ ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। କୃଷ୍ଣଙ୍କ ସ୍ତ୍ରୀ ରଇଲା କିର୍ସାନୀଙ୍କ କହିବା ଅନୁସାରେ ସେ ରାତିରେ କେତେବେଳେ ଉଠିକି ବାହାରକୁ ଯାଇଛନ୍ତି ଜାଣିନାହିଁ। ମା' ରାତିରେ ଉଠି କୂଅ ପାଖକୁ ଗଲାବେଳେ ସେଠାରେ ରକ୍ତ ପଡିଥିବାର ଦେଖିବାକୁ ପାଇଥିଲେ। ଏହା ପରେ ପାଖରେ ଥିବା ଧାନବିଲରେ କୃଷ୍ଣଙ୍କ ମୃତ ଶରୀର ଦେଖିବାକୁ ପାଇଥିଲେ। ମୃତ କୃଷ୍ଣଙ୍କ ବେକରେ ଏକ କଟା ଦାଗ ରହିଛି।

## ନାବାଳିକାଙ୍କୁ ଗଣବଳାତ୍କାର

**ରାଉରକେଲା ଅଫିସ, ୧୬।୧୦ (ଡି.ଏନ୍.ଏ.):** ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ତାଙ୍କୁ ଘରୁ ଡାକିନେଇ ୪ ଜଣ ଯୁବକ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୩୨/୧୮) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି।

■ ଗଜପତି ଜିଲାରେ ତିତ୍‌ଲି ପ୍ରଭାବ

# ୭୨,୯୪୫ଜଣ କ୍ଷତିଗ୍ରସ୍ତ : ଜିଲାପାଳ

**ପାରଳାଖେମୁଣ୍ଡି, ୧୬।୧୦(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ସ୍ୱତନ୍ତ୍ର ରିଲିଫ ଅଧିକାରୀ ସୂଚନା ଦେଉଛନ୍ତି।

ତିତ୍‌ଲି ଦ୍ୱାରା ଗଜପତି ଜିଲାରେ ମୋଟ ୭୨ହଜାର ୯୪୫ଜଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୮ଜଣଙ୍କ ମୃତ୍ୟୁ ଘଟିଛି। ସରକାରଙ୍କ ଘୋଷଣା ମୁତାବକ କ୍ଷତିଗ୍ରସ୍ତମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରଶାସନ ଉଦ୍ୟମ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ୪ଲକ୍ଷ ୮୦ହଜାର ପାଣି ପ୍ୟାକେଟ ବଣ୍ଟନ ହୋଇଛି। ସେହିପରି କ୍ଷତିଗ୍ରସ୍ତମାନଙ୍କୁ ୫୦ କେଜି ଚାଉଳ ଓ ୧ହଜାର ଟଙ୍କା ସହାୟତା ରାଶି ଅଗ୍ରୀମ ଆକାରରେ ପ୍ରଦାନ କରାଯାଉଛି। ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଆକଳନ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯଥାଶିଘ୍ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଅନୁପମ ଶାହା ଏହି ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି ଯେ, କ୍ଷତିଗ୍ରସ୍ତ ପରିବାରଗୁଡିକୁ ପ୍ରତିଦିନ ବଡମାନଙ୍କ ପିଛା ୬୦ଟଙ୍କା ଏବଂ ପିଲାଙ୍କ ପିଛା ୪୫ଟଙ୍କା ହିସାବରେ ସହାୟତା ଦେବାର ବ୍ୟବସ୍ଥା ହୋଇଛି। ପାରଳାଖେମୁଣ୍ଡି ସହରରେ ବିଦ୍ୟୁତ ଓ ପାନୀୟଜଳ ଯୋଗାଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଜିଲାର ମୋଟ ୬୧୪ଟି ସ୍ଥାନରେ ୭୨ହଜାର ୯୪୫ଜଣ କ୍ଷତିଗ୍ରସ୍ତଙ୍କ ପାଇଁ ଦୁଇଦିନ ଧରି ମାଗଣାରେ ରନ୍ଧାଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। ପାରଳାଖେମୁଣ୍ଡି ସହରର ଯେଉଁ ସବୁ ସ୍ଥାନରେ ବିଦ୍ୟୁତ ବିଭ୍ରାଟ ଦେଖାଦେଇଛି ସେଠାରେ ମରାମତି ଲାଗି ଜିଲା ବାହାରୁ ଟିମ୍‌ମାନ ଆସି କାର୍ଯ୍ୟ କରୁଛନ୍ତି। ଖୁବ କମ ଦିନରେ ସମସ୍ତ କାର୍ଯ୍ୟ ଶେଷ ହେବା ସହ କ୍ଷୟକ୍ଷତି ସଂକ୍ରାନ୍ତ ସମ୍ପୂର୍ଣ୍ଣ ତଥ୍ୟ ମିଳିଯିବ ବୋଲି ଶାହା ପ୍ରକାଶ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଗଜପତି ଜିଲା ସ୍ୱତନ୍ତ୍ର ରିଲିଫ ଅଧିକାରୀ ଦାୟିତ୍ୱରେ ଥିବା ଡି.ଭି.ସ୍ୱାମୀଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଜ ଘରର ପେଜ ପିଇ,**
**ମାଇ ଗୁଲିଆର ଭାତ ନ ଖାଇ ।**

ରାଗୀ ଲୋକ ଚିଡ଼ଚିଡ଼ା ପ୍ରକୃତିର ହୋଇଥାନ୍ତି। ଗାଳିମନ୍ଦ କରୁଥିଲେ ମଧ୍ୟ ତାହା ଗ୍ରହଣୀୟ। ଏପରି ବ୍ୟକ୍ତିଙ୍କ ପାଖରେ ପଛେ ଚାକିରି କରିବା ଶ୍ରେୟସ୍କର, ପରନ୍ତୁ ସ୍ତ୍ରୀ ବୁଦ୍ଧିରେ ଚାଲୁଥିବା ବ୍ୟକ୍ତି ପାଖରେ ଚାକିରି କରିବା ବା ମୁଣ୍ଡ ବିକିବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦାଣ୍ଡକୁ ଗଲେ ତ ମାଇନ ନାହିଁ,**
**ଘର ଭିତରେ ହାତେ ଲମ୍ବ ଓଢ଼ଣା ପଡୁଛି କାହିଁ ?**

ଲଜ୍ଜା ନାରୀର ଭୂଷଣ। ସାଧାରଣତଃ ଶାଶୁଘରେ ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶୀଳା ଗୁଣକୁ ସୂଚାଇଥାଏ। ତେବେ ଯେଉଁ ବୋହୂ ବାହାରେ ନିଜର ଶାଳୀନତା ରକ୍ଷା କରି ନ ଥାଏ, ମର୍ଯ୍ୟାଦା, ସମ୍ମାନକୁ ନ ଜଗି ଅତି ଉଚ୍ଚସ୍ୱରରେ କଥା ହୋଇ ଔଦ୍ଧତ୍ୟ ଦେଖାଇଥାଏ ସେହି ବୋହୂ ଘର ଭିତରେ ଓଢ଼ଣା ପକେଇ ରହିବା ପଛରେ କି ଆବଶ୍ୟକତା ଅଛି ବୋଲି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏପରିସ୍ଥଳେ ମୁଖରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବାହାରେ ରିଲିଫ୍ ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ

**କାଶୀନଗର, ୧୬।୧୦(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ଏବଂ ଏନ୍‌ଏସିରେ ବଣ୍ଟାଯିବା ପାଇଁ ଆସିଥିବା ରିଲିଫ ସାମଗ୍ରୀ ମଧ୍ୟରୁ କିଛି ସାମଗ୍ରୀ ବାହାରେ ବିକ୍ରି ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ରିଲିଫ ସାମଗ୍ରୀ ଗ୍ରହଣ କରିବା ପରେ କେତେକ ବ୍ୟକ୍ତି ଏହାକୁ ଆଣି ବଜାରରେ ବିକ୍ରି କରିଦେଉଥିବା ଜଣାପଡ଼ିଛି। ବିଶେଷକରି ପାଣି ପାଉଚ ପ୍ୟାକେଟ ଓ ଚାଉଳକୁ କମ୍ ଦାମ୍‌ରେ ବିକି ଦିଆଯାଉଛି। ପାଣି ପାଉଚ ବସ୍ତା ପିଛା ଦାମ୍ ୬୦ରୁ ୭୦ ଟଙ୍କା ରହିଥିବା ବେଳେ ରିଲିଫ ମିଳିଥିବା ପାଣି ପାଉଚ ବସ୍ତାକୁ ୪୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ଚାଉଳ କେଜି ପିଛା ୧୫ରୁ ୨୦ଟଙ୍କାରେ ବିକି ଦିଆଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବ୍ରହ୍ମପୁରରେ ପଲିଥିନ ନିଷେଧ ହୋଇଥିବାରୁ ସେଠାରେ ତିଆରି ପାଣି ପାଉଚ ଅଣାଯାଇ ଏଠାକୁ ରିଲିଫ ସାମଗ୍ରୀ ଭାବେ ଆସିଛି। ସେହିପରି କେତେକ ପାଉଚରେ ଏକ୍ସପାୟରୀ ଡେଟ୍ (ଧାର୍ଯ୍ୟ ସମୟ ସୀମା ତାରିଖ) ଉଲ୍ଲେଖ ହୋଇ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏବେ ବି ବହୁ ବିପନ୍ନ ରିଲିଫ ପାଇ ନ ଥିବା ଜଣାପଡ଼ିଛି।

## ବାତ୍ୟାବିପନ୍ନଙ୍କ ପାଇଁ ସ୍ୱତନ୍ତ୍ର ସେବା ଶିବିର

**ପାରଳାଖେମୁଣ୍ଡି, ୧୬।୧୦(ସ୍ୱ.ପ୍ର.)**

ଗଜପତି ଜିଲାର ବାତ୍ୟା ବିପନ୍ନମାନଙ୍କୁ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମଲ୍ଲିକ, ରଞ୍ଜିତ ପତି, ଡ. ଅଜୟ ତ୍ରିପାଠୀ, ଡ. ଇନ୍ଦୁଭୂଷଣ ସାହୁ, ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ବୈଦ୍ୟନାଥ ଦାସ, ମହିଳା ଏନ୍.ଏସ୍.ଏସ୍. ୟୁନିଟର କିରଣବାଳା ଭୂୟାଁ ଯୋଗଦେଇ କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରୁଛନ୍ତି। ସ୍ୱେଚ୍ଛାସେବୀ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇଦେବା ସହ ରାସ୍ତାଘାଟ ପରିଚ୍ଛନ୍ନ କରୁଥିବା ଦେଖିବାକୁ ମିଳିଛି।

■ କୁନ୍ଦୁରାରେ ବନ ବିଭାଗ ଅବହେଳାର ପରିଣତି

## କୋଲାବରେ ଭାସୁଛି ଭାଲୁ ମୃତଦେହ

**କୁନ୍ଦୁରା, ୧୬।୧୦(ଡି.ଏନ୍.ଏ.)**



କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶୀ ପଞ୍ଚାୟତ କୋଲାବ ନଦୀକୂଳରେ ଅଣ୍ଡିରା ଭାଲୁର ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଭାଲୁର ଶରୀରର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଆଘାତ ଲାଗିଥିବା ଅନୁମାନ କରାଯାଉଛି। ଏପରିକି ତାର ଦାନ୍ତ ଓ ଡାହାଣ ହାତ ନଖ ବାହାରି ପଡ଼ିଛି। କୁନ୍ଦୁରା ବନ ବିଭାଗ ଅଧିକାରୀମାନେ ସଦର ବଦଳରେ ଜୟପୁରରେ ରହୁଥିବା ଯୋଗୁ କୌଣସି ବନ୍ୟପ୍ରାଣୀଙ୍କ ମୃତାହତ କଥା ଜାଣିପାରୁ ନାହାନ୍ତି। ପୂର୍ବରୁ ଭାଲୁଙ୍କ ଉପଦ୍ରବ ନେଇ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। କିନ୍ତୁ ବନ ବିଭାଗ ଅଧିକାରୀଙ୍କ ଅନୁପସ୍ଥିତି ବନ୍ୟପ୍ରାଣୀଙ୍କୁ ଅଘଟଣ ମୁହଁକୁ ଠେଲୁଛି। କୁନ୍ଦୁରା ବନାଞ୍ଚଳ ଅଧୀନରେ ଅନେକ ସଂରକ୍ଷିତ ଜଙ୍ଗଲ ରହିଥିବା ବେଳେ କାଠମାଫିଆ ଦିନ ଦିପହରେ ମୂଲ୍ୟବାନ ଗଛ କାଟି ନେଉଛନ୍ତି। ବନ ବିଭାଗ ଚେଇଁ ଶୋଇଥିବା ବେଳେ କୁନ୍ଦୁରା ଥାନା ବିଭିନ୍ନ ସମୟରେ କାଠ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରୁଥିବା ନଜିର ରହିଛି। ନିରନ୍ତର ଗଛକଟା ଯୋଗୁଁ ଆହାର ନପାଇ ବନ୍ୟଜନ୍ତୁ ଗାଁମୁହାଁ ହେବା ପାଇଁ ବାଧ୍ୟ ହେଉଛନ୍ତି। ଗତ ଏକ ମାସ ହେବ କୁନ୍ଦୁରା ବ୍ଲକର ଡଙ୍ଗରପାଉଁଶି ପଞ୍ଚାୟତ ଭେଜାହାଣ୍ଡି, ବେଡ଼ାପାଉଁଶି, ଦୋରାଗୁଡ଼ା, ମୁଣ୍ଡିଗୁଡ଼ା ଏବଂ ଫୁପୁଗାଁ ପଞ୍ଚାୟତର ଯୁବାପାତ୍ରପୁଟ, କରଣଗୁଡ଼ା, ଚନ୍ଦ୍ରଶୁଣ୍ଡିଗୁଡ଼ା ଅଞ୍ଚଳରେ ସନ୍ଧ୍ୟା ହେଲେ ଖାଦ୍ୟ ସନ୍ଧାନରେ ଘରେଘରେ ଭାଲୁ ପଶୁଛନ୍ତି। ବିଭିନ୍ନ ସ୍ଥାନରେ ରହିଥିବା ଆଖୁବାଡ଼ିରେ ଦଳଦଳ ଭାଲୁ ପଶି ଯେତିକି ଖାଉଛନ୍ତି ତାର ପାଞ୍ଚଗୁଣ ନଷ୍ଟ କରୁଛନ୍ତି। ବନ ବିଭାଗ ଅଧୀନରେ କାର୍ଯ୍ୟରତ ରେଞ୍ଜର ଅବସର ନେଇଥିବାବେଳେ ଜଣେ ଜୟପୁରରେ ରହୁଥିବା ଫରେଷ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ବନ ବିଭାଗ ଅଧୀନରେ ଯେତିକି କର୍ମଚାରୀ ଯଥା ଫରେଷ୍ଟର ଏବଂ ଗାର୍ଡ଼ ଅଛନ୍ତି ଅର୍ଦ୍ଧାଧିକ ଜୟପୁରରେ ରହୁଛନ୍ତି। ଏନେଇ ଡିଏଫ୍‌ଓ ଜୟପୁର ଅଶ୍ୱିନୀ କର କହିଛନ୍ତି, ଏହା ମୋ ନଜରକୁ ଆସିନାହିଁ। ମୁଁ ସଙ୍ଗେସଙ୍ଗେ ଅଫିସରଙ୍କୁ ପଠାଇ ଘଟଣାର ତଦନ୍ତ କରିବି।

## ରାୟଗଡ଼ ବ୍ଲକରେ ୧୨,୬୫୧ ପରିବାର କ୍ଷତିଗ୍ରସ୍ତ

**ରାୟଗଡ (ଗଜପତି), ୧୬।୧୦ (ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ୨୧ଟି ପଞ୍ଚାୟତର ୨୧୧ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ା ଗ୍ରାମକୁ ମିଶାଇ ମୋଟ ୩୧୯ଟି ଗ୍ରାମର ମୋଟ ୨୧,୫୬୨ଟି ପରିବାର ମଧ୍ୟରୁ ୧୨,୬୫୧ ପରିବାର କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ରିପୋର୍ଟରୁ ସୂଚନା ମିଳିଛି। ୧୦୪ଟି ସ୍ଥାନରେ ୨୬,୩୮୧ଜଣ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସରକାରୀ ତଥ୍ୟ ଅନୁଯାୟୀ ୧୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ଜଣ ନିଖୋଜ ଥିବା ରାୟଗଡ଼ ବ୍ଲକ ପାଇଁ ନୋଡାଲ ଅଫିସର ଭାବେ ନିୟୋଜିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଗଙ୍ଗାଧର ନାୟକ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରଙ୍କୁ ଏକ ହଜାର ଟଙ୍କା ଲେଖାଏ ମୋଟ ୧ କୋଟି ୪୮ ଲକ୍ଷ ୮୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତ ଦୁଇଦିନ ମଧ୍ୟରେ ପରିସ୍ଥିତିରେ ସୁଧାର ଆସିଯିବ ବୋଲି ନାୟକ ଆଶା ପ୍ରକାଶ କରିଛନ୍ତି।

## ଦାଦନ ଖଟାଇବାକୁ ନେଇ ଯୁବତୀଙ୍କୁ ରାଜସ୍ଥାନରେ ବିକିଦେଲେ ଦଲାଲ

**ଉଦ୍ଧାର ନିମନ୍ତେ ଜିଲାପାଳ, ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇଲେ ପରିବାର ଲୋକେ**

**ରାୟଗଡା ଅଫିସ୍, ୧୬।୧୦**

ରାୟଗଡା ଜିଲାରେ ପୁଣି ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ରାୟଗଡା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ଝିଙ୍ଗିଲିବାଡି ଗ୍ରାମର ଜଣେ ଯୁବତୀଙ୍କୁ ଜଣେ ଦଲାଲ୍ ଦାଦନ ଖଟାଇବାକୁ ନେଇ ରାଜସ୍ଥାନରେ ୧ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଫେରାଇ ଆଣିବା ନିମନ୍ତେ ମଙ୍ଗଳବାର ଯୁବତୀଙ୍କ ପରିବାର ଲୋକେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ଭେଟି ଗୁହାରି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଜିଲା ଶ୍ରମ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦେଇଛନ୍ତି।

ବଲାଙ୍ଗୀର ଜିଲା ମୁରୀବାହାଲ ଥାନା ଅନ୍ତର୍ଗତ ବଡସାହିମାରା ଗ୍ରାମର ଜଣେ ମହିଳା ଦଲାଲ୍ ମୀତା ମହାନନ୍ଦିଆ ଓ ତାଙ୍କ ସ୍ୱାମୀ ସନୁ ମହାନନ୍ଦିଆ ଗତ ସେପ୍ଟେମ୍ବର ୯ତାରିଖରେ ଯୁବତୀଙ୍କୁ ଦାଦନ ଖଟାଇବାକୁ ନେଇଥିଲେ। ଏଠାରୁ ନେବାପରେ ରାଜସ୍ଥାନର ଗୁନା ଷ୍ଟେଶନ୍‌ଠାରୁ ପ୍ରାୟ ୧୦୦କି.ମି ଦୂର ବାରା ଜିଲା ଅନ୍ତର୍ଗତ ବାଉଁଶକେଲା ଗ୍ରାମକୁ ନେଇଥିଲେ। ସେଠାରେ ସେପ୍ଟେମ୍ବର ୨୨ତାରିଖରେ ହରିଆନ ମେହେଙ୍ଗା ନାମକ ଜଣେ ବ୍ୟକ୍ତିଙ୍କୁ ୧ଲକ୍ଷ ଟଙ୍କାରେ ଉକ୍ତ ଯୁବତୀଙ୍କୁ ବିକ୍ରି କରି ଦେଇଥିଲେ। ଏହା ଜାଣିବା ପରେ ଯୁବତୀଙ୍କ ମାଆ ଓ ୨ ଭାଇ ମିଳିତ ଭାବେ ଉକ୍ତ ଅଞ୍ଚଳକୁ ଯାଇଥିଲେ। ସେଠାରେ ହରିଆନ ଯୁବତୀଙ୍କୁ ଏକ ଘରେ ବନ୍ଦି କରି ରଖିଥିବା ଦେଖିବାକୁ ପାଇଥିଲେ। ଯୁବତୀଙ୍କୁ ନେବା ପାଇଁ କହିବାରୁ ୧ଲକ୍ଷ ଟଙ୍କା ନ ଦେଲେ ତାଙ୍କୁ ଛାଡିବେ ନାହିଁ ବୋଲି ହରିଆନ ରୋକ୍‌ଠୋକ୍ ମନା କରି ଦେଇଥିଲେ। ଏହାପରେ ଯୁବତୀଙ୍କ ପରିବାର ଲୋକେ ନିରାଶ ହୋଇ ଫେରିଥିଲେ। ଏନେଇ ରାୟଗଡ଼ା ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ। ହେଲେ ୮ ଦିନ ଧରି ପୋଲିସ କୌଣସି ପଦକ୍ଷେପ ନ ନେବାରୁ ପରିବାର ଲୋକେ ମଙ୍ଗଳବାର ଭାଜପାର ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ଉପାଧ୍ୟକ୍ଷ କାଳୀରାମ ମାଝିଙ୍କ ସହାୟତାରେ ଜିଲାପାଳଙ୍କୁ ଭେଟିଥିଲେ। ଝିଅକୁ ତୁରନ୍ତ ଫେରାଇ ଆଣିବାକୁ ଗୁହାରି କରିଥିଲେ। ଏଥିସହ ଜିଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗପତ୍ର ଜିଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଅଭିଯୋଗ ପାଇବାପରେ ଜିଲାପାଳ ତୁରନ୍ତ ଏକ ୩ ଜଣିଆ ଟିମ୍ ପଠାଇ ଯୁବତୀଙ୍କୁ ଉଦ୍ଧାର କରିବାକୁ ଅତିରିକ୍ତ ଶ୍ରମ ଆୟୁକ୍ତ ପ୍ରଶାନ୍ତ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରଜତ ମାଦଳା, ଜିଲା ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଜି.ରାଜେଶ୍ୱରୀ, ଜିଲା ଉପସଭାନେତ୍ରୀ କେ.ଅଶ୍ୱିନୀ, ମହିଳା ନେତ୍ରୀ ସେନାପତି ସନ୍ତୋଷୀ, ବରିଷ୍ଠ ନେତା ରାଜୁ ସାହୁ, ନଗର ସଭାପତି ଏମ୍.ରାମ୍ମାରାଓ, ଗୌରୀ ପ୍ରଧାନ ଓ ଅନ୍ୟ ଦଳୀୟ ନେତୃବୃନ୍ଦ କର୍ମୀ ଉପସ୍ଥିତ ଥିଲେ।

## ବିପନ୍ନ ପିଉଛନ୍ତି ଦୂଷିତ ପାଣି

**କାଶୀନଗର, ୧୬।୧୦(ଡି.ଏନ.ଏ.)**

କାଶୀନଗର ବ୍ଲକରେ ରିଲିଫ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନଏସି ଅଧିକାରୀଙ୍କ ପାଖରେ ଏପର୍ଯ୍ୟନ୍ତ କ୍ଷୟକ୍ଷତି ଓ ରିଲିଫ ବଣ୍ଟନ ସଂକ୍ରାନ୍ତ ସମ୍ପୂର୍ଣ୍ଣ ରିପୋର୍ଟ ନ ଥିବା ଜଣାପଡ଼ିଛି। ତେଣୁ ବିପର୍ଯ୍ୟୟ ପରିଚାଳନା ନେଇ ପ୍ରଶ୍ନ ଉଠିଛି। ସେହିପରି ପ୍ରଥମେ ହସ୍ପିଟାଲକୁ ବିଦ୍ୟୁତ ସଂଯୋଗ ଦିଆଯିବା ପରିବର୍ତ୍ତେ ଅନ୍ୟତ୍ର ସଂଯୋଗ ଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଡିଓ ସୁଧୀର କୁମାର ସିଂ ବିଦ୍ୟୁତ ବିଭାଗ ଏସଡିଓଙ୍କୁ ଫୋନ କରି ରିଲିଫ ବଣ୍ଟନ କେନ୍ଦ୍ର, ବ୍ଲକ ଅଫିସ ଓ ହସ୍ପିଟାଲକୁ ଖୁବଶୀଘ୍ର ବିଦ୍ୟୁତ ସଂଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ପିଇବା ପାଣି ଯୋଗାଇ ଦିଆଯାଉଛି ତାହା ଦୂଷିତ ବୋଲି ଜଣାପଡିଛି। ତେଣୁ କିପରି ଏଭଳି ଦୂଷିତ ଜଳ ଯୋଗାଣ ହେଉଛି ବୋଲି ଅଞ୍ଚଳବାସୀ ପ୍ରଶାସନ ଉଦ୍ଦେଶ୍ୟରେ ପ୍ରଶ୍ନ କରିଛନ୍ତି।

## ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଟିକିରି, ୧୬।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଟିକିରିଠାରୁ ରାଉଳି ଷ୍ଟେଶନ ମଧ୍ୟରେ ଥିବା ୨୧୩ ରେଳ ବ୍ରିଜ୍ ନିକଟସ୍ଥ ରେଳଧାରଣା ନିକଟରୁ ପୋଲିସ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ସୋମବାର ରାତିରେ ଜଗଦଲପୁରଠାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ୍‌ରୁ ବୃଦ୍ଧ ଜଣକ ଖସି ଯାଇଥିବା ଅନୁମାନ କରାଯାଉଛି। ଏ ବିଷୟରେ ଟିକିରି ଥାନା ଅଧିକାରୀ ସୁଙ୍ଗାନୀ ସାହୁଙ୍କୁ ପଚାରିବାରୁ, ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି। ଫେରିବା ପରେ ସଠିକ୍ ତଥ୍ୟ ଜଣାପଡିବ ବୋଲି କହିଛନ୍ତି।

## କଂଗ୍ରେସର ଦଶହରା ଭେଟ୍‌ଘାଟ୍



ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀମାନେ।

**ଦଶମନ୍ତପୁର, ୧୬।୧୦(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ସ୍ଥିତ ଛୋଟଗୁଡ଼ା ଗ୍ରାମର ଆମ୍ବତୋଟାରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଦଶହରା ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ବରିଷ୍ଠ କର୍ମୀ ଦେବେନ୍ଦ୍ର କୁଲଦୀପଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସମ୍ମାନିତ ଅତିଥି ଭାବେ ଜିଲା କାର୍ଯ୍ୟକାରୀ ସଭାପତି ରୂପକ କୁମାର ତୁରୁକ, ପଞ୍ଚାୟତ ସଭାପତି ଲୋଚନ ବିଶୋଇ, ପିସିସି ସଦସ୍ୟ ପ୍ରମୋଦ କିଶୋର ଖରା, ରମେଶ ଚନ୍ଦ୍ର ଖରାଙ୍କ ସମେତ ୧୬ଟି ପଞ୍ଚାୟତ ସଭାପତି ଓ କର୍ମୀ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଦଶହରା ଉପଲକ୍ଷେ ଭେଟ୍‌ଘାଟ୍ ହେବା ସହ ଆଗାମୀ ନିର୍ବାଚନ ପାଇଁ ଦଳକୁ କିପରି ସୁଦୃଢ଼ କରି ନିର୍ବାଚନ ମଣ୍ଡଳୀରେ ପୁଣିଥରେ ଗଡ଼ ପ୍ରତିଷ୍ଠା କରିବା ପାଇଁ ଶପଥ ପାଠ କରାଯାଇଥିଲା।

## ୨୫ରେ ହୋଇପାରେ ପୁଣି ଏକ ଲଘୁଚାପ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ଆସନ୍ତା ୨୫ କିମ୍ବା ୨୬ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଦକ୍ଷିଣ ଆଣ୍ଡାମାନ ଏବଂ ଏହାର ଆଖ ପାଖ ଅଞ୍ଚଳରେ ୩.୧ କିଲୋମିଟର ବ୍ୟବଧାନରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ରୂପରେଖ କ'ଣ ହେବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ତେବେ ଏହା ଯଦି ଘନୀଭୂତ ହେବ ତାହା ଲଘୁଚାପ ରୂପ ନେଇ ପାରେ ବୋଲି ଅନୁମାନ କରାଯାଉଛି। ସେଠାକାର ବାୟୁମଣ୍ଡଳର ଚାପକୁ ଦେଖି ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯିବ। ଏହାର ସ୍ଥିତି ଉପରେ ପାଣିପାଗ ବିଭାଗ ନଜର ରଖିଛି। ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ।

## ଅବ୍ୟବସ୍ଥା ଦେଖି ବିଗିଡ଼ିଲେ ଜିଲାପାଳ

**ପଟ୍ଟାଙ୍ଗି, ୧୬।୧୦(ଡି.ଏନ୍.ଏ.)**



ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖୁଛନ୍ତି ଜିଲାପାଳ।

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତକରି ଆରଡି ବିଭାଗ ପକ୍ଷରୁ ନିର୍ମିତ ଆଉଟଡୋରକୁ ତଦାରଖ କରିଛନ୍ତି। ତେବେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ସାରିବା ପାଇଁ ତାଗିଦ୍ କରିଥିଲେ। ଡାକ୍ତରଙ୍କ ପାଇଁ ନିର୍ମିତ ଡି ଟାଇପ୍ ବାସଗୃହ ଠିକ ଭାବେ ହୋଇ ନଥିବା ଏବଂ ଇ ଟାଇପ ଗୃହ ନିର୍ମାଣ ଅଧାରେ ପଡ଼ିଥିବା ଦେଖି ଭୀଷଣ ବିରକ୍ତ ହୋଇଥିଲେ। ଏହା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଲେବର ରୁମ ସମେତ ରୋଗୀ ଶଯ୍ୟାଗୃହ ବୁଲିବା ବେଳେ ଛାତରୁ ଅନେକ ଜାଗାରେ ସିମେଣ୍ଟ ଛାଡ଼ିଥିବା ଦେଖି ଏହାର ମରାମତି କରିବା ପାଇଁ କହିଥିଲେ। ସ୍ୱାସ୍ଥ୍ୟ ଉପକେନ୍ଦ୍ର ଦୀର୍ଘ ମାସ ପୂର୍ବରୁ ନିର୍ମାଣ ସରିଥିଲେ ମଧ୍ୟ ଯାତାୟତ ପାଇଁ ରାସ୍ତା ନଥିବାରୁ ତାହା ବ୍ୟବହାର ହେଉନାହିଁ। ତହସିଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ରାସ୍ତା ପାଇଁ ଜାଗା ଚିହ୍ନଟ କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଜିଲାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପରେ ପୁକାଲି ପଞ୍ଚାୟତ ଗସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ଥିବା ରାସ୍ତା ସହ ବ୍ରିଜ ତଦାରଖ କରିଥିଲେ। ଏହି ସମସ୍ୟା ନେଇ ଅଞ୍ଚଳ ବାସିନ୍ଦା ଗତ ୧୩ ତାରିଖ ଆନ୍ଦୋଳନ କରିଥିଲେ। ଏହି ଅବସରରେ ପଟ୍ଟାଙ୍ଗି ଥାନା ନିକଟସ୍ଥ ସରକାରୀ ଜମିରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଜାତୀୟ ରାଜପଥ ବିଭାଗ ଡାକ ବଙ୍ଗଳାର ମରାମତି ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସ୍ଥାନୀୟ ବିଧାୟକ। ଗସ୍ତ ସମୟରେ ଡାକ୍ତର ସୁସେନ ପାତ୍ର, ଡାକ୍ତର ଆଶୁତୋଷ ପ୍ରଧାନ ଉପସ୍ଥିତ ଥିଲେ।




■ ଲିକିଟିପଦର ଘାଟିରେ ଓଲଟିଲା ଟ୍ରାକ୍ଟର

# ୧୫ ଶ୍ରମିକ ଆହତ

**ପଦ୍ମପୁର, ୧୬।୧୦ (ଡି.ଏନ୍.ଏ.)**

ଗଜପତି ଓ ରାୟଗଡ଼ା ଜିଲା ସୀମାନ୍ତ ପଦ୍ମପୁର ନିକଟ ଲିକିଟିପଦର ଘାଟିରେ ମଙ୍ଗଳବାର ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ୧୫ ଜଣ ଶ୍ରମିକ ଆହତ ହୋଇଛନ୍ତି । ସେମାନଙ୍କୁ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ସେମାନେ ଅନୁଗୁର୍‌ରେ ଚାଲିଥିବା ରାସ୍ତା କାମରେ ନିୟୋଜିତ ଥିଲେ । ଦଶହରା ଛୁଟିରେ ଘରକୁ ଯିବା ଲାଗି ଉକ୍ତ ଶ୍ରମିକମାନେ ଗୁଣପୁରରେ ରହୁଥିବା କଣ୍ଟ୍ରାକ୍ଟରଙ୍କୁ ଜଣାଇବା ପାଇଁ ଏକ ଟ୍ରାକ୍ଟରରେ ଯାଉଥିଲେ। ମଧ୍ୟାହ୍ନରେ ଲିକିଟିପଦର ଘାଟିରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ସେମାନେ ଆହତ ହୋଇଥିଲେ । ସମସ୍ତେ ନବରଙ୍ଗପୁର ଜିଲା ତାରାଗୁଡା ଓ ଡାବୁଗାଁ ଅଞ୍ଚଳର ବୋଲି ଜଣାପଡିଛି।

# ଦୁର୍ଗାପୂଜାରେ ରାୟଗଡ଼ା ସହର ଉତ୍ସବମୁଖର

■ ମା'ଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼

**ରାୟଗଡା ଅଫିସ୍, ୧୬।୧୦**

ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ପୂଜା କମିଟି ପକ୍ଷରୁ ମଣ୍ଡପଗୁଡିକରେ ବଡ ବଡ ତୋରଣ ସାଙ୍ଗକୁ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇଛି। ବିଭିନ୍ନ ପୂଜା ମଣ୍ଡପଗୁଡିକ ଏବଂ ତାର ଆଖପାଖ ଅଞ୍ଚଳଗୁଡିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ସନ୍ଧ୍ୟାରେ ମା' ଦୁର୍ଗାଙ୍କ ଷଷ୍ଠୀ ପୂଜା କରାଯାଇଥିଲା। ମଙ୍ଗଳବାର ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କର ସପ୍ତମୀ ପୂଜା ରୀତିନୀତି ଅନୁସାରେ କରାଯାଇଛି। ବିଭିନ୍ନ ପୂଜା ମଣ୍ଡପରେ ହୋମଯଜ୍ଞ, ଚଣ୍ଡିପାଠ, ସକାଳ ଓ ସନ୍ଧ୍ୟା ଆଳତୀ କରାଯାଇଛି। ମା' ଦୁର୍ଗାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ନିମନ୍ତେ ବିଭିନ୍ନ ପୂଜା ମଣ୍ଡପ ସମେତ ରାୟଗଡା ସହରର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର, ମଙ୍ଗଳା ମନ୍ଦିର, ଜଗନ୍ନାଥ ମନ୍ଦିର ଏପରି ଅନେକ ପୀଠରେ ଭକ୍ତଙ୍କ ଭିଡ ଜମିଛି। ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ବିଭିନ୍ନ ପୂଜା ମଣ୍ଡପ ନିକଟ ଏବଂ ସହରର ବିଭିନ୍ନ ଅଞ୍ଚଳରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶାନ୍ତିପୂର୍ଣ୍ଣ ପୂଜା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ
### ମଦ ଜବତ, ଜରିମାନା ଆଦାୟ

ବାଲିମେଲା, ୧୬।୧୦(ଡି.ଏନ୍.ଏ.)- ମାଲକାନଗିରି ଜିଲା ଓର୍କେଲ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଡାଉ ସହ ଯାନବାହନ ଯାଞ୍ଚ ପକ୍ରିୟା ଚାଲିଛି। ଏହି ସମୟରେ ବାଲିମେଲା ଏନ୍ଏସି ୭ନଂ ୱାର୍ଡ ଡ୍ରାଇଭର ଲେନ ସଦା ବେନିଆ(୩୦)ଙ୍କ ଘରୁ ୫ଲି.୪ଶହ ମିଲି ଦେଶୀମଦ ଓ କୁଡୁମୁଲୁଗୁମ୍ମା ବ୍ଲକ ଶିଖପାଲୀ ଗ୍ରାମର ଶିବରାମ ପୂଜାରୀ(୨୭)ଙ୍କ ଘରୁ ୮ଲି.୨୫୦ମିଲି ବିଦେଶୀ ମଦ ଜବତ ହୋଇଛି। ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଦଶହରା ପୂଜାକୁ ଶାନ୍ତିପୂର୍ଣ୍ଣଭାବେ କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହାଛଡା ପୋଲିସ ଯାନ ବାହନ ଯାଞ୍ଚ କରି ୧୧,୫୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନାଧିକାରୀ ଜଗଦିଶ୍ ବାରା କହିଛନ୍ତି।

# ଟିକ୍‌ମିକ୍ ଆଲୁଅରେ ଝଲସୁଛି ମାଲକାନଗିରି

ମାଲକାନଗିରି, ୧୬।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଏବଂ ବିଭିନ୍ନ ବ୍ଲକରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଏହାଛଡା ବିଭିନ୍ନ ଶକ୍ତିପୀଠରେ ମହାଷ୍ଟମୀ ପୂଜା ମଧ୍ୟ ଅନୁଷ୍ଠିତ ହେଉଛି। ଷଷ୍ଠୀଠାରୁ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ବେଲ ବରଣ ପୂଜା ସହ ଶକ୍ତିପୀଠଗୁଡ଼ିକରେ ଚଣ୍ଡୀପାଠ, ହୋମଯଜ୍ଞ ଆଦି କରାଯାଉଛି। ମାଲକାନଗିରି ସହର ମୁଖ୍ୟ ରାସ୍ତାରେ ଥିବା ମା'ଭୈରବୀ ପୀଠ, ଦୁର୍ଗଗୁଡ଼ି ସାହିର ଶକ୍ତିପୀଠରେ ଭକ୍ତଙ୍କ ଭିଡ ଲାଗିଛି। ସକାଳୁ ପୂଜା ମଣ୍ଡପଗୁଡ଼ିକରେ ମଧ୍ୟ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପାଗ ଅନୁକୂଳ ଥିବାରୁ ଲୋକେ ପରିବାର ସହ ମା'ଙ୍କ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି। ପୂଜା ମଣ୍ଡପ ଓ ଶକ୍ତିପୀଠଗୁଡ଼ିକରେ ରଙ୍ଗବେରଙ୍ଗର ଆଲୋକମାଳା ସହ ସୁସଜ୍ଜିତ ତୋରଣ ନିର୍ମାଣ କରାଯାଇଛି। ଜିଲା ସଦର ମହକୁମାର ୬ ଟି ସ୍ଥାନରେ ମାଆଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଥିବା ବେଳେ ୨ଟି ଶକ୍ତିପୀଠ ରହିଛି। ପ୍ରତ୍ୟେକ ପୂଜା ମଣ୍ଡପ ଏବଂ ଶକ୍ତି ପୀଠରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସୀମାନ୍ତ ଛତିଶଗଡ଼ରୁ ମାଲକାନଗିରିକୁ ପ୍ରବେଶ କରୁଥିବା ସମସ୍ତ ଯାନବାହନକୁ କଡ଼ାକଡ଼ି ଯାଞ୍ଚ କରାଯାଉଛି।


ମାଲକାନଗିରି ଟାଉନ କ୍ଲବ କମିଟି ପକ୍ଷରୁ ଆୟୋଜିତ ପୂଜା ।

**ପାଗ ଅନୁକୂଳ ଯୋଗୁ ପୂଜା ମଣ୍ଡପରେ ଲାଗିଛି ଭିଡ଼**

# ଆଦିବାସୀ ପଡ଼ାର ଶୋଷ ମେଣ୍ଟାଉଛନ୍ତି ଜଳଦୂତ


ବିଧାୟକ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

ମାଲକାନଗିରି, ୧୬।୧୦(ଡି.ଏନ୍.ଏ.)

ମାଲକାନଗିରିର ଜଳଦୂତ କୁହାଯାଉଥିବା ଉତ୍ତମ ମଲ୍ଲିକ ପୁଣି ଆଦିବାସୀ ବହୁଳ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରି ଉଦାହରଣ ସାଜିଛନ୍ତି। ଉତ୍ତମ ସେବା ଟ୍ରଷ୍ଟ ଜରିଆରେ କାଙ୍ଗୁରୁକୋଣ୍ଡା ପଞ୍ଚାୟତ ସାଲିମାରିକୋଣ୍ଡାରେ ଏହି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଉକ୍ତ ଆଦିବାସୀ ଗ୍ରାମରେ ଦୁଇ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ବିଶୁଦ୍ଧ ପାନୀୟ ଜଳ ନ ପାଇ ଗ୍ରାମବାସୀ ସରକାରଙ୍କଠାରୁ ଆରମ୍ଭ କରି ପ୍ରଶାସନ ଓ ରାଜନେତାଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହି ଗ୍ରାମରେ ସାତଟି ନଳକୂପ ରହିଥିବା ବେଳେ ସେଥିରୁ ୪ଟି ଅଚଳ। ଅନ୍ୟ ୩ଟିରେ ଲୌହମିଶ୍ରିତ ପାଣି ବାହାରୁଥିଲା। ତେଣୁ ବାଧ୍ୟ ହୋଇ ଉତ୍ତମଙ୍କୁ ବିଶୁଦ୍ଧ ପାନୀୟ ଜଳ ପାଇଁ ଅନୁରୋଧ କରିଥିଲୁ ବୋଲି ଗ୍ରାମବାସୀ କହିଛନ୍ତି। ଉତ୍ତମ ମଲ୍ଲିକ ସେବା ଟ୍ରଷ୍ଟ ପ୍ରାୟ ୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରିଥିଲା। ଏହାକୁ ମାଲକାନଗିରି ବିଧାୟକ ମାନସ ମାଡକାମି ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ଜରିଆରେ ପୂର୍ବରୁ ମଧ୍ୟ କାଲିମେଲା ବ୍ଲକ ମାଲାଭରମ୍ ପଞ୍ଚାୟତରେ ଚାରୋଟି ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଉତ୍ତମଙ୍କ ଝିଅ ପୂଜା, କାଲିମେଲା ବ୍ଲକ ଅଧ୍ୟକ୍ଷ ମାଲା ମାଡି ଓ ବଙ୍ଗୀୟ ସମାଜ ସଭାପତି ଗୌରାଙ୍ଗ କର୍ମକାର ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ତେବେ ଜିଲାର ପଡିଆ, କାଲିମେଲା, କୋରୁକୋଣ୍ଡା ବ୍ଲକରେ ବିଶୁଦ୍ଧ ପାନୀୟ ଜଳ ଅଭାବ ଯୋଗୁ ଲୋକେ ଦୂଷିତ ପାଣି ପିଇ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଗାମୀ ଦିନରେ କିଡନୀ ରୋଗରେ କାହାକୁ ମରିବାକୁ ଦିଆଯିବ ନାହିଁ। ଉତ୍ତମ ମଲ୍ଲିକ ସେବାଟ୍ରଷ୍ଟ ଏଥିପାଇଁ କାର୍ଯ୍ୟ କରିବ ବୋଲି ସାମାଜିକ କର୍ମୀ ଉତ୍ତମ ମଲ୍ଲିକ କହିଛନ୍ତି।

**ସରକାରୀ ବ୍ୟବସ୍ଥାର ବିଚିତ୍ର ରୂପ**

# ଜଙ୍ଗଲ ହୁଡାରେ ଗୋବିନ୍ଦପାଲି ଯାତ୍ରୀ ପ୍ରତୀକ୍ଷାଳୟ

ମାଥିଲି, ୧୬।୧୦(ଡି.ଏନ୍.ଏ.)

ସରକାରୀ ବ୍ୟବସ୍ଥାରେ ବିଚିତ୍ର ରୂପ। ଯିବାକୁ ହୋଇନି ରାସ୍ତା। ଜଙ୍ଗଲ ହୁଡାରେ ଖୋଲାପଡିଛି ଯାତ୍ରୀ ପ୍ରତୀକ୍ଷାଳୟ। ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ସଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଦୀର୍ଘ ଦିନରୁ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନୂତନ ଭାବେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ବ୍ୟବହାର ହୋଇନାହିଁ। ପ୍ରତୀକ୍ଷାଳୟକୁ ଯିବାକୁ ରାସ୍ତା ନାହିଁ। ଡ୍ରେନ ଡେଇଁ ଜଙ୍ଗଲ ହୁଡାରେ ଏପଟେ ବସିବାକୁ ଯାତ୍ରୀମାନେ ଭୟ କରୁଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଖରାବର୍ଷା ସବୁ ସମୟରେ ଯାତ୍ରୀମାନେ ଆଶ୍ରୟ ନେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ମଡେଲ ଯାତ୍ରୀ ପ୍ରତୀକ୍ଷାଳୟ ବ୍ୟବସ୍ଥାରେ ଗୋବିନ୍ଦପାଲିରେ ଏହି ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ କ୍ଷଣେ ପାଇଁ ମଧ୍ୟ ସେଠାରେ ରହିବା ଠିକ ମଣୁନାହାନ୍ତି । ଚାରିପାଖେ ଜଙ୍ଗଲମୟ ପରିବେଶ ସୃଷ୍ଟି ହୋଇଛି। ଜଙ୍ଗଲ ଭଳି ଥିବା ହୁଡାରେ ବିଭିନ୍ନ ସାପ ଏବଂ ଭାଲୁ ଭୟରେ ଏଠାରେ ବସିବା ଉଚିତ ମନେ କରୁନାହାନ୍ତି। ସୂଚନାଯୋଗ୍ୟ ଯେ, କିଛି ମାସ ତଳେ ଏହି ପ୍ରତୀକ୍ଷାଳୟ ଯାତ୍ରୀଙ୍କ ପାଇଁ ତିଆରି ହୋଇଛି । ଗତବର୍ଷ ଏହି ପ୍ରତୀକ୍ଷାଳୟ ନିକଟରେ ଭାଲୁ ଆତଙ୍କ ଦେଖାଦେଇଥିଲା। ସନ୍ଧ୍ୟା ସମୟରେ ଭାଲୁ ଆସୁଥିବାରୁ ଗୋବିନ୍ଦପାଲି ଗାଁ ଲୋକେ ଭୟରେ ରହୁଥିଲେ। କିନ୍ତୁ ଏବେ ପ୍ରତୀକ୍ଷାଳୟ କରି ମଧ୍ୟ ଚାରିପାଖେ ସଫାସୁତରା କରାଯାଇନାହିଁ । ସେଠାରେ ଜଙ୍ଗଲମୟ ପରିବେଶ ରହିଛି। ଏଥିଲାଗି ଯାତ୍ରୀମାନେ ପ୍ରତୀକ୍ଷାଳୟରେ ବସିବାକୁ ଭୟ କରୁଥିବା ଗ୍ରାମବାସୀ କହିଛନ୍ତି। ଯାତ୍ରୀ ପ୍ରତୀକ୍ଷାଳୟକୁ ଯିବାକୁ ରାସ୍ତା ସହ ସୃଷ୍ଟି ହୋଇଥିବା ଜଙ୍ଗଲକୁ ସଫା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ଗୋବିନ୍ଦପାଲିସ୍ଥିତ ଯାତ୍ରୀ ପ୍ରତୀକ୍ଷାଳୟ ।

- ପ୍ରତୀକ୍ଷାଳୟକୁ ଯିବାକୁ ନାହିଁ ରାସ୍ତା
- ଜଙ୍ଗଲ ସଫା ଦାବି

# ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖଇରପୁଟ, ୧୬।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବିଭିନ୍ନ ସ୍ଥାନରେ ମହାଆଡମ୍ବରରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ମୁଣ୍ଡିଗୁଡା, ଗୋବିନ୍ଦପାଲୀ ବଜାରରେ ଆଦି ସ୍ଥାନରେ ରଙ୍ଗବେରଙ୍ଗ ଆଲୋକମାଳାରେ ତୋରଣ ଓ ମଣ୍ଡପକୁ ସଜ୍ଜିତ କରାଯାଉଛି। ପାଗ ଶୁଖିଲା ଥିବାରୁ ସନ୍ଧ୍ୟା ହେଲେ ଲୋକଙ୍କ ଭିଡ ଜମିଛି। ବେପାର ଭଲ ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ଗୋବିନ୍ଦପାଲୀରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।


ଖଇରପୁଟରେ ପୂଜା ପାଉଥିବା ମା' ଦୁର୍ଗା ।

# ପୁଅକୁ ଫେରି ପାଇଲେ ବଣ୍ଡା ପରିବାର

ମାଲକାନଗିରି, ୧୬।୧୦(ଡି.ଏନ୍.ଏ.)

ବର୍ଷେ ନୁହେଁ କି ଦୁଇବର୍ଷ, ଜଣେ ବଣ୍ଡା ଯୁବକଙ୍କୁ ମାଲକାନଗିରି ପୋଲିସ ଦୀର୍ଘ ୧୫ ବର୍ଷ ପରେ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପରିବାର ଲୋକେ ନିଖୋଜ ଯୁବକଙ୍କୁ ଖୋଜିବା ପାଇଁ ଜମିବାଡି ବିକ୍ରି କରି ସର୍ବସ୍ୱାନ୍ତ ହୋଇଯାଇଥିଲେ। ଯୁବକଙ୍କ ବାପା ସୋମବାର ମାଲକାନଗିରି ଥାନାରେ ତାଙ୍କ ପୁଅ ନିଖୋଜ ଥିବା ନେଇ ପୁଣିଥରେ ଏତଲା ଦେଇଥିଲେ। ପରେ ମାଲକାନଗିରି ପୋଲିସ ୧୨ ଘଣ୍ଟା ମଧ୍ୟରେ ନିଖୋଜ ଯୁବକଙ୍କୁ ଖୋଜିବାରେ ସଫଳ ହୋଇଥିଲା।

ପ୍ରକାଶ ଯେ, ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅଧୀନ ମୁଦୁଲିପଡା ଗ୍ରାମର ବଣ୍ଡା ସମ୍ପ୍ରଦାୟର ଶୁକ୍ରା ଧାଙ୍ଗଡା ମାଝିଙ୍କ ବଡପୁଅ ହାଡି ଧାଙ୍ଗଡା ମାଝି ଦୀର୍ଘ ୧୫ ବର୍ଷ ତଳେ କେଉଁଆଡେ ଚାଲିଯାଇଥିଲେ। ସେତେବେଳେ ତାଙ୍କୁ ୧୨ ବର୍ଷ ହୋଇଥିଲା। ପୁଅକୁ ଖୋଜିବାରେ ଶୁକ୍ରା ଓ ତାଙ୍କ ପରିବାର ନିଜର ସମସ୍ତ ଜମିବାଡି ବିକ୍ରି କରି ଦେଇଥିଲେ। ପୁଅର ଆସିବା ବାଟକୁ ଚାହିଁ ମା' ମଧ୍ୟ ମାନସିକ ଭାରସାମ୍ୟ ହରାଇ କିଛିବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ଘରର ପରିସ୍ଥିତି ଦେଖି ବଡ ଭଉଣୀ ମଧ୍ୟ ବିଷପାନ କରି ଆତ୍ମହତ୍ୟା କରିଥିଲେ। କିଛିଦିନ ପୂର୍ବେ ଶୁକ୍ରା ମାଲକାନଗିରିସ୍ଥ ତାଙ୍କ ବନ୍ଧୁ ଘରକୁ ବୁଲିବାକୁ ଆସିଥିବା ବେଳେ ସୋମବାର ମାଲକାନଗିରି ଥାନାରେ ତାଙ୍କ ପୁଅ ନିଖୋଜ ଥିବା ନେଇ ପୁଣି ଥରେ ଏତଲା ଦେଇଥିଲେ। ମାଲକାନଗିରି ଥାନା ଭାରପ୍ରାପ୍ତ ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ଯୁବକଙ୍କ ଫଟୋ ସବୁ ଥାନାକୁ ପଠାଇଥିଲେ। ସୌଭାଗ୍ୟବଶତଃ ହାଡି ଧାଙ୍ଗଡା ମାଲକାନଗିରିରେ ରହୁଥିବା ଜଣାପଡିଥିଲା। ପରେ ସେ ଏକ ଦୋକାନରେ କାମ କରୁଥିବା ଦେଖି ପୋଲିସ ତାଙ୍କୁ ଡକାଇ ପରିଚୟ ପାଇବା ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ତେବେ ୧୫ ବର୍ଷ ପରେ ନିଖୋଜ ପୁଅ ହାଡିକୁ ପାଇବା ପରେ ବାପା ଶୁକ୍ରା ଓ ଅନ୍ୟ ଭଉଣୀ ଭାଇ ଖୁସିରେ ଆତ୍ମବିଭୋର ହୋଇ କାନ୍ଦି ପକାଇଥିଲେ। କିନ୍ତୁ ହାଡି ତାଙ୍କ ବାପା, ଭାଇ ଓ ଭଉଣୀଙ୍କୁ ଚିହ୍ନି ପାରି ନଥିଲେ। ସେ ଏତେ ଦିନ ଧରି ଭୁବନେଶ୍ୱର, କଟକର ବିଭିନ୍ନ ସ୍ଥାନରେ କାମ କରୁଥିଲେ ବୋଲି କହିଛନ୍ତି। ତେବେ କିଛି ଦିନ ହେବ ସେ ମାଲକାନଗିରି ଆସି ଉକ୍ତ ଦୋକାନରେ କାମ କରୁଥିବା ଜଣାଇଛନ୍ତି।


ପରିବାର ସହ ହାଡି ଧାଙ୍ଗଡା।

- ଖୋଜିବା ପାଇଁ ଜମିବାଡି ବିକି ସର୍ବସ୍ୱାନ୍ତ ହୋଇଥିଲେ
- ମାନସିକ ଚାପରେ ଜୀବନ ହାରିଥିଲେ ମା' ବଡଭଉଣୀ

ଧରିତ୍ରୀ DHARITRI
Quiz No.5
Puja Quiz- 2018
Main Sponsor TVS
Co-Sponsors CENTRAL Nikon

☑ Tick mark the box which is correct

୧. ଭାରତର 'ଗଜଲ ରାଣୀ' କାହାକୁ କୁହାଯାଏ ?
କ. ବେଗମ ଅଖତର ☐ ଖ. ନୁର ଜହାଁ ☐ ଗ. ଲତା ମଙ୍ଗେସକର ☐ ଘ. କେଉଁଟି ନୁହେଁ ☐
୨. ରାଜସ୍ଥାନରେ ଅନୁଷ୍ଠିତ ହେଉଥିବା ପୃଥିବୀ ପ୍ରସିଦ୍ଧ ପଶୁମେଳା (ଓଟ)ର ନାମ କ'ଣ ?
କ. ବୈଶାଖୀ ☐ ଖ. ମକର ☐ ଗ. ପୁଷ୍କର ☐ ଘ. କେଉଁଟି ନୁହେଁ ☐
୩. ମହାକୁମ୍ଭ ମେଳା କେଉଁଠାରେ ଅନୁଷ୍ଠିତ ହୁଏ ?
କ. ବାରାଣସୀ ☐ ଖ. ଆଲ୍ଲାହାବାଦ ☐ ଗ. ଗୟା ☐ ଘ. କେଉଁଟି ନୁହେଁ ☐
୪. ଅଲି ଆକବର ଖାନ୍ କେଉଁ ବାଦ୍ୟଯନ୍ତ୍ର ସହ ସମ୍ପୃକ୍ତ ?
କ. ସରୋଦ ☐ ଖ. ତବଲା ☐ ଗ. ଢୋଲ ☐ ଘ. କେଉଁଟି ନୁହେଁ ☐
୫. ନୋବେଲ ଶାନ୍ତି ପୁରସ୍କାର କେଉଁ ସହରରେ ଦିଆଯାଏ ?
କ. ଜେନେଭା ☐ ଖ. ଓସ୍‌ଲୋ ☐ ଗ. ଷ୍ଟକ୍‌ହୋମ ☐ ଘ. କେଉଁଟି ନୁହେଁ ☐

Participant's Name:
Address:
Education
Mobile ... Age:
E-mail:

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 5
B-15, Industrial Estate, Rasulgarh, Bhubaneswar-10









## ସଂକ୍ଷେପରେ

### ୧୦ରେ ଜୟପୁର ପଥୋତ୍ସବ

ଜୟପୁର,୧୬।୧୦(ନି.ପ୍ର.): ପରବ ୨୦୧୮ ଆନୁକୂଲ୍ୟରେ ଜୟପୁର ପଥୋତ୍ସବ ଆସନ୍ତା ୧୦ରେ ଅନୁଷ୍ଠିତ ହେବ । ମୁଖ୍ୟରାସ୍ତାରେ ପଥୋତ୍ସବର ଗୋଟିଏ ସଂସ୍କରଣ ଆୟୋଜିତ ହେବ । ଏନେଇ ଆଇଟିଡିଏ ସମ୍ମିଳନୀ କକ୍ଷରେ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ୧୦ ତାରିଖ ସକାଳ ସାଢ଼େ ୬ଟାରେ ୨୯ଟି ପ୍ରଦର୍ଶନୀ ଆରମ୍ଭ ହେବାକୁ ଥିବାବେଳେ ୧୦ଟାରେ ଶେଷ ହେବ । ଓଲକମ ଛକରୁ ବାଙ୍ଗମଠ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ କରାଯିବ। ଏନେଇ ମଙ୍ଗଳବାରଠାରୁ ୫ ତାରିଖ ସୁଦ୍ଧା ପୌର କାର୍ଯ୍ୟାଳୟରେ ପ୍ରତିଯୋଗୀମାନେ ନାମ ପଞ୍ଜିକରଣ କରିବାକୁ କୁହାଯାଇଛି । ପ୍ରସ୍ତୁତି ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ, ଏସଡିପିଆରଓ ବିତପାସ ବିଶ୍ୱାଳ, ଜୟପୁର ବିଡିଓଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ସାମିଲ ଥିଲେ ।

### ପୋଖରୀରେ ପଡ଼ି ଯୁବକ ମୃତ

ବୈପାରୀଗୁଡ଼ା,୧୬।୧୦(ଡି.ଏନ୍.ଏ.): ମଙ୍ଗଳବାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତ ରାଉତଗୁଡ଼ା ଗ୍ରାମରେ ଜଣେ ଯୁବକ ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତି ହେଲେ ସଞ୍ଜୟ ଭୋଳ (୩୨)। ସେ ପୋଖରୀରେ ଗାଧୋଇବାକୁ ଯାଇଥିବା ବେଳେ ଏପରି ଅଘଟଣ ଘଟିଥିଲା । ଖବର ପାଇ ବୈପାରୀଗୁଡ଼ାରୁ ଅଗ୍ନିଶମ ବିଭାଗ କର୍ମଚାରୀ ବହୁ ଖୋଜାଖୋଜି କରି ନିରାଶ ହେବା ପରେ କୋରାପୁଟ୍‌ରୁ ଓଡ୍ରାଫ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ଏହାକୁ ବ୍ୟବେଚ୍ଛଦ ପାଇଁ ପଠାଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି ।

### ସହରର ଉନ୍ନତି ପାଇଁ ପଦକ୍ଷେପ

କୋରାପୁଟ,୧୬।୧୦(ସ୍ୱ.ପ୍ର.) କୋରାପୁଟ ମ୍ୟୁନିସିପାଲଟି ତଥା ସହରର ଉନ୍ନତି ପାଇଁ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଥିବା ପୌର ପରିଷଦ ନିର୍ବାହୀ ଅଧିକାରୀ ମଙ୍ଗଳବାର ପ୍ରକାଶ କରିଛନ୍ତି। କୋରାପୁଟ ସହରର ଦୁଇ ଉପକଣ୍ଠରେ ଦୁଇଟି ଲୁହାର ନାମଫଳକ (ସ୍ୱାଗତମ ବୋର୍ଡ) ଲଗାଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏଥିରୁ କୋରାପୁଟ ମ୍ୟୁନିସପାଲିଟି ଉପକଣ୍ଠ ନୂଆ କଲୋନି ଓ କଫିବୋର୍ଡ଼ରେ ସ୍ୱାଗତମ ବୋର୍ଡ କରାଯିବ। ଏଥିଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ସହର ମଧ୍ୟସ୍ଥ ଚନ୍ଦନ ପୋଖରୀ ଓ ଖୋଲା ଜିମକୁ ଦଶହରା ପରେ ଟେଣ୍ଡର ଦିଆଯିବ । ଏଯାବତ୍ ସହରରେ ସହରର ୮ଶହ ବୁଲା କୁକୁରକୁ ଧରାଯାଇ ବହୁଦୂରରେ ଛଡାଯାଇଛି । ସେହିପରି ସହରର ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ରଖାଯାଇଥିବା ପୁରୁଣା ଗାଡିଗୁଡିକୁ ରାସ୍ତାରୁ ଉଠାଯିବ। ସହରର ପରିମଳ ବ୍ୟବସ୍ଥାରେ ଉନ୍ନତି ପାଇଁ ରାତ୍ରୀରେ କର୍ମଚାରୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ। ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ଯୋଜନାରେ ପୌରପରିଷଦର ୨୧୭୧ ଜଣଙ୍କୁ କାର୍ଡ ଦିଆଯାଇଛି।

# ସହରରେ ଶତାବ୍ଦୀର ଦେବୀ ପରମ୍ପରା

ଜୟପୁର,୧୬।୧୦(ଡି.ଏନ୍.ଏ.)

ରାଜାରାଜୁଡ଼ା ସମୟରୁ ଜୟପୁର ରାଜବଂଶ ଦ୍ୱାରା ଆରମ୍ଭ ହୋଇଥିବା ପରମ୍ପରା ଏବଂ ଆଧୁନିକତାର ମିଶ୍ରଣର ପର୍ବ ଜୟପୁର ଦଶହରା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ସହରର ଆରାଧ୍ୟଦେବୀ ଦେବୀ ଭଗବତୀ, ଦକ୍ଷିଣକାଳୀ, ଜଗତଜନନୀ, ବସନ୍ତାୟୀ ଦେବୀପୀଠରେ ମୂଳାଷ୍ଟମୀରୁ ଷୋଡ଼ଶ ଉପଚାର ଆରମ୍ଭ ହୋଇଛି । ସେହିପରି ରଥପଡିଆ ଛକ, ଘରୋଇ ବସଷ୍ଟାଣ୍ଡରେ ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତି ଏବଂ ଗୁଜରାଟି ସଂପ୍ରଦାୟ ପକ୍ଷରୁ ବ୍ୟାଘ୍ରଦେବୀ ପୂଜାମଣ୍ଡପରେ ନବରାତ୍ର ଆରମ୍ଭ ହେବା ସହିତ ଚଣ୍ଡିପାଠ ପୂଜାର୍ଚ୍ଚନା ଚାଲିଛି। ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଆଳତୀ, ଅନ୍ନଭୋଗ ବେଳେ ନାଗରା, ଢୋଲ, ବାଦ୍ୟ ଓ ଘଣ୍ଟ ବାଜଣରେ ମଣ୍ଡପ ପ୍ରକମ୍ପିତ ହେଉଛି । ସହରରେ ପାୱାର ହାଉସ, ମାଦଳା ସାହି, ରଥପଡ଼ିଆ, ଜଗତଜନନୀ ଛକ, ଗୁଜରାଟୀ କଲୋନି, ଭୂପତି ସାହି, ଗାନ୍ଧୀଛକ, ସରକାରୀ ଓ ଘରୋଇ ବସଷ୍ଟାଣ୍ଡରେ ମେଢ଼ ନିର୍ମାଣ କରାଯାଇ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା କରାଯାଉଥିବା ବେଳେ ସାରା ସହର ସାଜସଜ୍ଜାରେ ଝଲସି ଉଠୁଛି । ନବରାତ୍ର ପୂଜାର ଶେଷ ଦିବସ ଦଶହରା ମଧ୍ୟରାତ୍ରରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠରୁ ପ୍ରତୀକ ସ୍ୱରୂପ ଆସିଥିବା ଲାଠି, ଖଡ୍ଗ ଏବଂ ଗାଦିକୁ ପଟୁଆରରେ ନିଆଯିବ।

ଜୟପୁର ଦଶହରା ପୁରାତନ ଓ ଏହାର ସ୍ୱାତନ୍ତ୍ର୍ୟ ରହିଥିବା ଯୋଗୁଁ ଏହାକୁ ମହୀଶୂର ଦଶହରା ସହ ତୁଳନା କରାଯାଏ। ଐତିହାସିକଙ୍କ ଅନୁଯାୟୀ ୨ଶହ ବର୍ଷରୁ ଅଧିକ ହେବ ରାଜାରାଜୁଡ଼ା ସମୟରୁ ଜୟପୁରରେ ଦଶହରା ପାଳିତ ହୋଇଆସୁଛି। ତୃତୀୟ ବିକ୍ରମଦେବଙ୍କ ସମୟରେ ଦଶହରାକୁ ଆଡମ୍ବର ସହ ପାଳନ କରାଯାଉଥିଲା। ହାତୀ, ଘୋଡ଼ାଙ୍କୁ ବିଭିନ୍ନ ବେଶଭୂଷାରେ ସଜ୍ଜିତ କରାଯାଇ ସହରର ରାଜାନଅରଠାରୁ ଦଶହରା ପଡିଆ ପର୍ଯ୍ୟନ୍ତ ରାତ୍ରରେ ବିରାଟ ପଟୁଆରରେ ନିଆଯାଉଥିଲା। ପୂର୍ବରୁ ଜୟପୁର ଅଧିଷ୍ଠାତ୍ରୀ ଦେବୀ ଭାବେ ମା ଭଗବତୀ, ପୁରୁଣାଗଡ଼ ଦକ୍ଷିଣକାଳୀ ଏବଂ ମହାରାଜାଙ୍କ ଇଷ୍ଟଦେବୀ ରାଜାନଅର ଭିତରେ ମନ୍ଦିରରେ ପୂଜା ପାଉଥିବା କନକ ଦୁର୍ଗାଙ୍କ ଅଷ୍ଟଧାତୁ ପ୍ରତିମୂର୍ତ୍ତିକୁ ବିମାନ ପଟୁଆରରେ ନିଆଯାଉଥିଲା। ବିଳମ୍ବିତ ରାତ୍ରରେ ଦଶହରା ପଡିଆରେ ପଟୁଆର ପହଞ୍ଚିବା ପରେ ଲାଖବିନ୍ଧା ପ୍ରତିଯୋଗିତା ହେଉଥିଲା। ରାଜାଙ୍କ ସୌରାସାହି ଓ ଗଡିଆସାହିର ପାଇକ ଆଖଡା ଦଳ ଏହି ପଟୁଆରରେ ରଣ କୌଶଳ ଦେଖାଉଥିଲେ।


ଜୟପୁର ରଜାନଅର ଛକ ମଣ୍ଡପ ।


ଜୟପୁର ସାଉଥଚେକ୍‌ଗେଟ ମଣ୍ଡପ ।

## ଦକ୍ଷିଣକାଳୀ, ଭଗବତୀଙ୍କ ସୁନାବେଶ ମୁଖ୍ୟ ଆକର୍ଷଣ

ରାଜାରାଜୁଡ଼ା ସମୟରେ ଦଶହରା ପର୍ବ ପାଳନ ବେଳେ ମା' ଭଗବତୀ ଏବଂ ଦକ୍ଷିଣକାଳୀଙ୍କୁ ସୁନାବେଶରେ ଭୂଷିତ କରାଯାଉଥିଲା । ମା' ଭଗବତୀଙ୍କ ଏକ ହଜାର ଗ୍ରାମରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ ଅଳଙ୍କାର ରହିଛି । ସେଥିମଧ୍ୟରୁ ୨୪ ଗ୍ରାମ ଓଜନର କମରପଟା, ୮୨ ଗ୍ରାମର ସ୍ୱର୍ଣ୍ଣ ମାଳି, ୪୨୫ ଗ୍ରାମର ସୁନା ମୁକୁଟ ଏବଂ ଅନ୍ୟ ସ୍ୱର୍ଣ୍ଣ ଅଳଙ୍କାର ରହିଛି। ଉକ୍ତ ଅଳଙ୍କାରକୁ ୧୯୭୪ରେ ନଭେମ୍ବର ୨୭ରେ ତତ୍କାଳୀନ ଦେବୋତ୍ତର କମିଶନର କୃପାସିନ୍ଧୁ ମିଶ୍ର, ଅତିରିକ୍ତ କମିଶନର କିଶୋର ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ଦାଶ, ଉପଜିଲାପାଳ ସୁବାସ ଚନ୍ଦ୍ର ପାଣି, ତହସିଲଦାର ତଥା ଦେବୋତ୍ତର ଅଧିକାରୀ ଲୋକନାଥ ମିଶ୍ର, ଦେବୋତ୍ତର ଉପଦେଷ୍ଟ ସଭ୍ୟ ତଥା ଆଇନଜୀବୀ ଏସ୍. ହନୁମନ୍ତରାଓ, ସ୍ୱାଧୀନତା ସଂଗ୍ରାମୀ ବଳଭଦ୍ର ପୂଜାରୀଙ୍କ ଉପସ୍ଥିତିରେ ଏହାକୁ ସ୍ଥାନୀୟ ସ୍ୱତନ୍ତ୍ର ଟ୍ରେଜେରୀରେ ରଖାଯାଇଥିଲା । ୨୦୦୬ରୁ ପ୍ରତ୍ୟେକ ବର୍ଷ କଡ଼ା ସୁରକ୍ଷା ଭିତରେ ଟ୍ରେଜେରୀରୁ କିଛି ମାତ୍ରାରେ ଅଳଙ୍କାର ବାହାର କରାଯାଇ ଷଷ୍ଠୀ ତିଥିରେ ଦକ୍ଷିଣକାଳୀ ଏବଂ ସପ୍ତମୀରେ ମା' ଭଗବତୀଙ୍କ ସୁନାବେଶ କରାଯାଇ ଆସୁଛି।

## କୋରାପୁଟ ସହର ଉତ୍ସବମୁଖର

କୋରାପୁଟ,୧୬।୧୦(ସ୍ୱ.ପ୍ର.)

ମଙ୍ଗଳବାର ମା ଦୁର୍ଗାଙ୍କ ସପ୍ତମୀ ପୂଜା ନେଇ କୋରାପୁଟ ସହର ଉତ୍ସବମୁଖର ହୋଇଛି । ଚଳିତ ବର୍ଷ ସହରରେ ୭ଟି ପୂଜା କମିଟି ପକ୍ଷରୁ ପୂଜା ହେଉଛି । ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୋରାପୁଟ ବସଷ୍ଟାଣ୍ଡରେ ଆକର୍ଷଣୀୟ ଆଲୋକମାଳା ସାଙ୍ଗକୁ ମେଢ଼ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ସେହିପରି କୋରାପୁଟ ଓଏମପିଠାରେ କରାଯାଇଥିବା ଦୁର୍ଗାମେଢ଼ରେ ମଙ୍ଗଳବାର ସକାଳ ୬ଟା ୧୫ ମିନିଟରୁ ସପ୍ତମୀ ପୂଜା ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟାରେ ସେଠାରେ ଭଜନ କାର୍ଯ୍ୟକ୍ରମ ହୋଇଛି । ସେହିପରି ବଙ୍ଗାଳି ଭାଷାଭାଷୀ ଲୋକେ ସ୍ଥାନୀୟ ଡିଏନକେ ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଦୁର୍ଗାପୂଜା ଆୟୋଜନ କରିଥିବାବେଳେ ଜିଲା ପୋଲିସ ପକ୍ଷରୁ ପୋଲିସ ପଡିଆରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି। ରାତିରେ କଟକର ସଂଗ୍ରାମ ମହାନ୍ତିଙ୍କ ଗ୍ରୁପ୍ ଦ୍ୱାରା ମେଲୋଡି ଆରମ୍ଭ ହୋଇଛି । ସେହିପରି ମଣ୍ଡଳ କାରାଗାର ପକ୍ଷରୁ ଚଳିତ ଥର ୫୨ ବର୍ଷରେ ସ୍ଥାନୀୟ କାରାଗାର ସମ୍ମୁଖରେ ପୂଜାମଣ୍ଡପ କରାଯାଇ ମଣ୍ଡଳ କାରାଗାର ଅଧୀକ୍ଷକ ବ୍ରହ୍ମାନନ୍ଦ ସାହୁ କର୍ତ୍ତା ଭାବେ ପୂଜା କାର୍ଯ୍ୟ କରୁଛନ୍ତି। ସେହିପରି ଇଣ୍ଡିଆନ ରିଜର୍ଭ ବାଟାଲିଆନ ପରିସରରେ ଆକର୍ଷଣୀୟ ଦୁର୍ଗା ମୂର୍ତ୍ତି ହୋଇଛି। କୋରାପୁଟ ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ହାଟପଦାରେ ମଧ ଦେବୀ ଆରାଧନା ଚାଲିଛି।

## ରାଣୀ, ଯୁବରାଜଙ୍କୁ ନିମନ୍ତ୍ରଣ କଲେ ବିଧାୟକ


ଜୟପୁର ରାଜପରିବାରଙ୍କୁ ନିମନ୍ତ୍ରଣ ସହ ଭେଟି ଦେଉଛନ୍ତି ବିଧାୟକ ।

ଜୟପୁର,୧୬।୧୦(ନି.ପ୍ର.)

ଜୟପୁର ଦଶହରାରେ ଯୁବରାଜ ଓ ମହାରାଣି ସାମିଲ ହେବା ପାଇ ମଙ୍ଗଳବାର ନିମନ୍ତ୍ରଣ କରାଯାଇଛି । ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ରାଜମହଲକୁ ଯାଇ ଯୁବରାଜଙ୍କୁ ନିମନ୍ତ୍ରଣ କରିଛନ୍ତି । ଆସନ୍ତା ୧୮ ତାରିଖ ଦଶହରାରେ ବିରାଟ ସାଂସ୍କୃତିକ କାର୍ଯ୍ୟକ୍ରମ ବମ୍ବେ କଳାକାରଙ୍କ ଦ୍ୱାରା ହେବ। ଏହି କାର୍ଯ୍ୟକ୍ରମ ସହ ସହ ଦଶହରା ଦିନ ରାବଣପୋଡ଼ିରେ ମଧ୍ୟ ମୁଖ୍ୟ ଅତିଥି ଭାବେ ମହାରାଣୀ ସାରିକା ଦେବୀ ଓ ଯୁବରାଜ ଯୋଗଦେବା ପାଇଁ ବିଧାୟକ ବାହିନୀପତି ଉପଢୌକନ ଦେଇ ନିମନ୍ତ୍ରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନିହାର ବିଷୋଇ, ନର ମହାନ୍ତି, ରତ୍ତୁ ସାହୁ ଉପସ୍ଥିତ ଥିଲେ ।

# ମା'ଙ୍କ ଅଷ୍ଟମୀ ପୂଜା ପାଇଁ ମଣ୍ଡପରେ ଭିଡ଼


ମା'ଙ୍କ ପୂଜା କରାଯାଉଛି।

ଡାବୁଗାଁ,୧୬।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାରେ ଦୁର୍ଗା ପୂଜା ଆରମ୍ଭ ହୋଇଛି । ସୋମବାର ସନ୍ଧ୍ୟାରେ ଗ୍ରାମର ମା' ଠାକୁରାଣୀ ମନ୍ଦିର ପୁଷ୍କରଣୀରେ ଜଳାଧିବାସ ପରେ ଗଙ୍ଗାଆବାହନ ସହ ବେଲବରଣୀ କରାଯାଇଥିଲା । ରାତ୍ରିରେ ଚକ୍ଷୁଦାନ ପରେ ମା'ଙ୍କୁ ଆବାହନ କରାଯାଇ ପୂଜା ଆରମ୍ଭ ହୋଇଥିଲା। ଚଳିତ ବଷ ରଙ୍ଗ ବେରଙ୍ଗ ଆଲୋକମାଳାରେ ଝଲସି ଉଠୁଛି ଡାବୁଗାଁ ସହର। ମଙ୍ଗଳବାର ସକାଳୁ ମା'ଙ୍କ ସପ୍ତମୀ ପୂଜା ଓ ଅପରାହ୍ନରେ ଅଷ୍ଟମୀ ପୂଜା କରାଯାଇଛି। ମା'ଙ୍କ ପୂଜା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହେଉଛି। ବଲ୍ଲଭ ନାରାୟଣ ପଣ୍ଡା ଓ ବିଜୟ କୁମାର ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ ପୂଜକ ଶ୍ରୀକାନ୍ତ କୁମାର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ପ୍ରଭାତ କୁମାର ଶତପଥୀ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଆକାଶ କୁମାର ନାୟକ ଓ ସୁଶାନ୍ତ କୁମାର ପଣ୍ଡା ଏଥିରେ ସହାୟତା କରୁଛନ୍ତି।

## ପୁଷ୍ଟିଯୁକ୍ତ ଶସ୍ୟ ପ୍ରଦର୍ଶନୀ

କୋରାପୁଟ,୧୬।୧୦(ସ୍ୱ.ପ୍ର.)

ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ ମଙ୍ଗଳବାର ଦଶମନ୍ତପୁର ବ୍ଲକ ମୁଜାଙ୍ଗରେ ଏକ ସଚେତନତା ସଭା ଓ ପୁଷ୍ଟିଯୁକ୍ତ ଶସ୍ୟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଜାଙ୍ଗ ସରପଞ୍ଚ ରଇଲା ମାଝି, ଗାଦିଆଗୁଡା ସରପଞ୍ଚ ଦଇମତି ସାଉନ୍ତା, ପିଇଓ ସୁଶାନ୍ତ ଶତପଥି, କୃଷି ବିଭାଗ ଅଧିକାରୀ ସରୋଜ ଖୋସ୍ଲାଙ୍କ ସମେତ ମୁଜାଙ୍ଗ, ଗାଦିଆଗୁଡା ଗ୍ରାମପଞ୍ଚାୟତର ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ରହି ଗ୍ରାମସ୍ତରରେ ଥିବା ଅଙ୍ଗନବାଡି କେନ୍ଦ୍ର ଓ ଗ୍ରାମ ମଧ୍ୟରେ ପୁଷ୍ଟିଯୁକ୍ତ ଖାଦ୍ୟ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଶିଶୁମାନଙ୍କୁ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଗ୍ରାମାଞ୍ଚଳରୁ ଆସିଥିବା କୃଷକମାନେ ନିଜ ନିଜ ଶସ୍ୟକ୍ଷେତ୍ରରେ ଉପାର୍ଜନ ଏବଂ ନିଜେ ଖାଦ୍ୟ ରୂପେ ବ୍ୟବହାର କରୁଥିବା ପ୍ରାୟ ୯୪ ପ୍ରକାରର ପୁଷ୍ଟିଯୁକ୍ତ ଶସ୍ୟ ଉପରେ ଏକ ପ୍ରଦର୍ଶନୀ ହୋଇଥିଲା। ସେହିପରି ସୁବଜ ପନିପରିବା, ଶାଗ, ଅମୃତଭଣ୍ଡା ଆଦି ନିଜ ବାଡି ବଗିଚାରେ ଲଗାଇବା ପାଇଁ ଉପସ୍ଥିତ କୃଷି ଅଧିକାରୀମାନେ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବହୁ ସଫଳ କୃଷକମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏକତା ଅନୁଷ୍ଠାନ

## କଲିକତା ବେଲୁର ମଠ ଓ କେଦାର ନାଥ ମନ୍ଦିର ମୁଖ୍ୟଆକର୍ଷଣ


ଶ୍ରୀ ଶ୍ରୀ ଶ୍ରୀ ଦୁର୍ଗା ପୂଜା କମିଟି ପକ୍ଷରୁ କେଦାର ନାଥ ମନ୍ଦିର ସଦୃଶ୍ୟ ତୋରଣ ।

ପାପଡାହାଣ୍ଡି,୧୬।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ମହାଆଡମ୍ବରରେ ଦଶହରା ପୂଜା ପାଳିତ ହେଉଛି। ବସଷ୍ଟାଣ୍ଡ ପୂଜା କମିଟି ୧୨ ବର୍ଷ ଅବସରରେ କଲିକତାର ବେଲୁର ମଠ ମେଢ କରିଥିବା ବେଳେ ଶ୍ରୀ ଶ୍ରୀ ଶ୍ରୀ ଦୁର୍ଗା ପୂଜା କମିଟି ୧୯ ବର୍ଷ ଅବସରରେ କେଦାର ନାଥ ମନ୍ଦିର ମେଢ ମୁଖ୍ୟ ଆକର୍ଷଣ ସାଜିଛି। ମେଢ ଭିତରେ ବିଭିନ୍ନ ସାଜସଜ୍ଜା ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ଆଗାମି ଦିନରେ ମେଲୋଡି ସହ ଦଶହରାରେ ରାବଣ ପୋଡି କରିବା ଲାଗି ପୂଜା କମିଟି ମାନେ ସ୍ଥିର କରିଛନ୍ତି ।


ବସଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ କଲିକତାର ବେଲୁର ମଠ ତୋରଣ ।

# ନାକଟିସିମୋଡା ପଞ୍ଚାୟତ : ବିଦ୍ୟୁତ୍ ଆଲୁଅ ସାତସପନ

- ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ
- ପଦକ୍ଷେପ ନ ନେଲେ ଭୋଟ ବର୍ଜନ ଚେତାବନୀ

ରାଇଘର, ୧୬।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ସୀମାନ୍ତ ରାଇଘର ବ୍ଲକର ଦୁର୍ଗମ ଅଞ୍ଚଳରୂପେ ପରିଚିତ ନାକଟିସିମୋଡା ପଞ୍ଚାୟତର ତିନୋଟି ଗ୍ରାମର ଗ୍ରାମବାସୀ ସ୍ୱାଧୀନତାର ୭୦ବର୍ଷ ପରେ ମଧ ବିଦ୍ୟୁତ ଆଲୁଅ ଦେଖିନାହାନ୍ତି । ପ୍ରଶାସନଠାରୁ ଆରମ୍ଭ କରି ଲୋକ ପ୍ରତିନିଧିଙ୍କୁ ଗୁହାରିକରି ଶେଷରେ ଗ୍ରାମବାସୀ ମଙ୍ଗଳବାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସମସ୍ୟାର ସମାଧାନ ନ ହେଲେ ତିନୋଟି ଗ୍ରାମର ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।
ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ନାକଟିସିମୋଡା ପଞ୍ଚାୟତର ଚଣାଭରି, ଲେଣ୍ଡ୍ରିବେଡା, ନୟନପାରା ଗ୍ରାମ ରହିଛି। ତେବେ ଏହି ଗ୍ରାମରେ ବିଦ୍ୟୁତ ସେବା ଏ ପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। ୩ଟି ଗ୍ରାମର ଆଖପାଖ ପ୍ରତ୍ୟେକ ଗ୍ରାମରେ ବିଦ୍ୟୁତ ସଂଯୋଗ ରହିଥିବା ବେଳେ ଏହି ୩ଟି ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି। ୭ ବର୍ଷ ତଳେ ଏହି ଗ୍ରାମ ଗୁଡିକରେ ବିଦ୍ୟୁତକରଣ କରାଯିବା ପାଇଁ ଖୁଣ୍ଟ ପକାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ନିକଟସ୍ଥ ଗ୍ରାମଗୁଡ଼ିକରେ ବିଦ୍ୟୁତ ସଂଯୋଗୀକରଣ ହୋଇଥିଲେ ହେଁ ଏହି ୩ଟି ଗ୍ରାମକୁ ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏହାର ତୁରନ୍ତ ସମାଧାନ ଦାବିରେ ଗ୍ରାମର ପର୍ଶୁରାମ ଗଣ୍ଡ, ଚମ୍ପୁରୁ ଗଣ୍ଡ, ଆଶାରାମ ଗଣ୍ଡ, ବଳଦେବ ଗଣ୍ଡ, ଗଣେଶ ଗଣ୍ଡ, ନରସିଂ ଗଣ୍ଡ, ଘନ ଗଣ୍ଡ ଓ ଦେବା ଗଣ୍ଡ ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ସହ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

**ମୁଗଲସରାଇ ମଣ୍ଡଳର ଡ୍ରେହରୀ ଅନ ସୋନ ଷ୍ଟେସନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ/ଗତିପଥ ପରିବର୍ତ୍ତନ**

ଟ୍ରେନ୍‌ଗୁଡ଼ିକର ରଦ୍ଦକରଣ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ |
|---|---|---|---|
| 18311 | ସମ୍ବଲପୁର-ବାରଣାସୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ସମ୍ବଲପୁର | 24.10.2018 ଏବଂ 28.10.2018 |
| 18312 | ବାରଣାସୀ-ସମ୍ବଲପୁର ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | ବାରଣାସୀ | 25.10.2018 ଏବଂ 29.10.2018 |
| 12875 | ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ୍ | ପୁରୀ | 23.10.2018, 26.10.2018 ଏବଂ 28.10.2018 |
| 12876 | ଆନନ୍ଦ ବିହାର ଟର୍ମିନାଲ-ପୁରୀ ନୀଳାଚଳ ଏକ୍ସପ୍ରେସ୍ | ଆନନ୍ଦ ବିହାର ଟର୍ମିନାଲ | 26.10.2018, 28.10.2018 ଏବଂ 30.10.2018 |

ଟ୍ରେନ୍‌ଗୁଡ଼ିକର ଗତିପଥ ପରିବର୍ତ୍ତନ

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଯାତ୍ରା ପ୍ରାରମ୍ଭ କରୁଥିବା ତାରିଖ | ଗତିପଥ ପରିବର୍ତ୍ତନ |
|---|---|---|---|
| 12801 | ପୁରୀ-ନୂଆ ଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ମୁରୀ-ବରକାକାନା-ଗଢ଼ୱା ରୋଡ଼-ଚୁନାର |
| 12802 | ନୂଆ ଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍ | 23.10.2018 ଏବଂ 28.10.2018 | ଚୁନାର-ଗଢ଼ୱା ରୋଡ଼ ବରକାକାନା-ମୁରୀ |

ପୂର୍ବ ତଟ ରେଳପଥ
PR-365/J/18-19

